ମୁଖ୍ୟମନ୍ତ୍ରୀ ପଂଚବାର୍ଷିକ ଆର୍ଥିକ କମିଶନଙ୍କ ପାଖରେ ରଖିଥିବା ଦାବି ପ୍ରସଙ୍ଗରେ

# ନବୀନ ବାବୁ ଓଡିଶାର ବିକାଶ ନୁହେଁ ବଂର ତାଙ୍କ ନିର୍ବାଚନ ଏଜେଣ୍ଡା ସେଟ କରିବା ପାଇଁ ଦାବି ରଖିଛନ୍ତି : ବିଜେପି

- **ରାଜ୍ୟରେ ଋଣ ଭାର ୯୨ ହଜାର କୋଟି ଟଙ୍କାରେ ପହଂଚିଲାଣି**
- **ଜିଏସଟି ଲାଗୁ ହେଲା ପରେ ଓଡିଶାର ଟିକସ କଲେକ୍ସନ ୧୫% ବୃଦ୍ଧି ପାଇଛି**
- **ବିଜୁଳି ବିଭାଗ ତ ଏକାଦଶ ଅର୍ଥ କମିଶନ ଅର୍ଥକୁ ଖର୍ଚ୍ଚ କରିବାରେ ବି ଅସମର୍ଥ**
- **ଆମ ଗାଁ ଆମ ବିକାଶ ଯୋଜନାରେ ନାଁରେ ରାଜ୍ୟସରକାର ପଂଚାୟତ ଜନ ପ୍ରତିନିଧିମାନଙ୍କ ଆର୍ଥୀକ ସ୍ୱାତନ୍ତ୍ରତାକୁ ହନନ କରୁଛନ୍ତି**

**ଭୁବନେଶ୍ୱର,ତା.୦୯/୦୧ :** ନବୀନ ବାବୁ ଓଡିଶାର ବିକାଶ ନୁହେଁ ବଂର ତାଙ୍କ ନିର୍ବାଚନ ଏଜେଣ୍ଡା ସେଟ କରିବା ପାଇଁ ଆଜି ଅର୍ଥ କମିଶନଙ୍କ ପାଖେ ତାଙ୍କ ଦାବି ରଖିଛନ୍ତି । ନବୀନବାବୁ ତାଙ୍କ ଦାବିରେ ଜିଏସଟି କଥା କହିଛନ୍ତି । ଜିଏସଟି ଲାଗୁ ହେଲା ପରେ ଓଡିଶାର ଟିକସ କଲେକ୍ସନ ୧୫% ବୃଦ୍ଧି ପାଇଛି । ଏକଥା ନିଜେ ସରକାର ମାନିଛନ୍ତି । ୨୦୧୭-୧୮ ଆର୍ଥୀକ ବର୍ଷରେ ଟିକସ ଆଦାୟ ୧୫% ବଢିଥିବା କଥା ସରକାର ନିଜେ କହିଥିଲେ । ଅଧିକ ଟିକସ ପାଇଲା ପରେ ପୁଣି କ୍ଷତିପୁରଣ କଥା ଉଠାଇ ମୁଖ୍ୟମନ୍ତ୍ରୀ ନିଜ ଅପାରଗତାର ପ୍ରମାଣ ଦେଇଛନ୍ତି ବୋଲି ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ।

ରାଜ୍ୟରେ ଋଣଭାର ୯୨ ହଜାର କୋଟି ଟଙ୍କାରେ ପହଂଚିଲାଣି । ପ୍ରତି ବ୍ୟକ୍ତି ପିଛା ୨୨ ହଜାର ଟଙ୍କାର ଋଣ ଏବେ ଝୁଲୁଛି । ଏପରି ସ୍ଥିତିରେ ସବୁ ଆମେ କରିବୁ କହିବ ଅସଙ୍ଗତ ଲାଗୁଛି । ମୁଖ୍ୟମନ୍ତ୍ରୀ ନିଜେ ନିଜ ଦଳର ପ୍ରତିଷ୍ଠା ଦିବସରେ ସ୍ୱତନ୍ତ୍ର ପାହ୍ୟା ନୁହେଁ ବଂର ଆର୍ଥୀକ ସ୍ୱାନ୍ତତା ଦରକାର ବୋଲି କହିଥିଲେ । ଏବେ ପୁଣି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କଥା ଉଠାଇବା ମାନସିକ ଅସ୍ଥିରତାକୁ ଦେଖାଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ସମଗ୍ର ଓଡିଶାରେ ରାଜ୍ୟସରକାର ସମସ୍ତଙ୍କ ଘରକୁ ବିଜୁଳି ସଂଯୋଗ କରିଛନ୍ତି ବୋଲି ବଡ ବଡ ବିଜ୍ଞାପନର ହୋଡିଙ୍ଗ ମାରିଛନ୍ତି । କେନ୍ଦ୍ର ସରକାର ଚତୁର୍ଦ୍ଦଶ ଯୋଜନାରେ ଗ୍ରାମୀଣ ବିଜୁଳି ସଂଯୋଗ ପାଇଁ ଅର୍ଥ ଦେଇସାରିଥିବାବେଳେ ଓଡିଶାରେ ଏବେ ଏକାଦଶ ଯୋଜନାର ଅର୍ଥ ଏବେ ସୁଦ୍ଧା ଖର୍ଚ୍ଚ ହୋଇପାରିନାହିଁ । କେବଳ ବିଜୁଳି ବିଭାଗରେ ଗ୍ରାମୀଣ ବିଜୁଳି ସଂଯୋଗ କେନ୍ଦ୍ର ସରକାର ୮୦୭୭ କୋଟି ଟଙ୍କା ଯୋଗାଇ ଦେଇଥିବାବେଳେ ରାଜ୍ୟ ସରକାର ସେହି ଅର୍ଥକୁ ଖର୍ଚ୍ଚ କରିବାରେ ବିଫଳ ହୋଇଛନ୍ତି ।

କେବଳ ସୌଭାଗ୍ୟ ଯୋଜନାରେ ରାଜ୍ୟ ସରକାର ୫୦୯ କୋଟି ଟଙ୍କା ହରାଇବାକୁ ଯାଉଛନ୍ତି ।ମୁଖ୍ୟମନ୍ତ୍ରୀଙ୍କର ନିଜ ଜିଲ୍ଲା ଗଂଜାମରେ ବି ରାଜ୍ୟ ସରକାର ମୋଦି ସରକାର ପଠାଇଥିବା ଅର୍ଥକୁ ଖର୍ଚ୍ଚ କରିବାରେ ବିଫଳ । ଯାହାର ପରିଣାମ ଆଜିବି ଗଂଜାମ ଜିଲ୍ଲାରେ ୪୭ ପ୍ରତିଶତ ବିପିଏଲ ପରିବାର ବିଜୁଳିରୁ ବଂଚିତ ଏହା କଣ ରାଜ୍ୟସରକାରଙ୍କ ଅପାରଗତା ସୂଚନା ଦେଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।



odisha.bjp.org BJP4Odisha YouTube Odisha BJPlive

ଚତୁର୍ଦ୍ଦଶ କମିଶନ ଦେଉଥିବା ଅର୍ଥର ସିଧାସଳଖ ଅନୁଦାନକୁ ବିନା ପଲ୍ଲି ସଭା ଅନୁମୋଦନରେ ସଚିବାଳୟରୁ ମଂଜୁରି ଦେଉଛନ୍ତି ରାଜ୍ୟସରକାର । ଏହାକୁ ଆମ ଗାଁ ଆମ ବିକାଶ ଯୋଜନାରେ ୧୨୫୦ କୋଟି ଟଙ୍କା ଖର୍ଚ୍ଚ କରି, ରାଜ୍ୟସରକାର ନିଜେ ପଂଚାୟତର ଜନ ପ୍ରତିନିଧିମାନଙ୍କ ଆର୍ଥୀକ ସ୍ୱାତନ୍ତ୍ରତାର ଅଧିକାରରୁ ବଂଚିତ କରିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ସାମ୍ବିଧାନିକ ବ୍ୟବସ୍ଥା ଆନୁଯାୟୀ ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ରହିଥିବା ସତ୍ୱେ ଜନପ୍ରତିନିଧୀମାନଙ୍କୁ ରାଜ୍ୟ ସରକାର କୌଣସି କ୍ଷମତା ପ୍ରଦାନ କରିନାହାଁନ୍ତି । ଯଦି ଜନପ୍ରତିନିଧୀମାନଙ୍କୁ ଜନଜାତି ଆଦିବାସୀ କଲ୍ୟାଣ ପାଇଁ କ୍ଷମତା ଦିଆଯାଆନ୍ତା ତେବେ ସେହି ଅଂଚଳରେ ଉନ୍ନତି ହୋଇପାରନ୍ତା । ଜନଜାତି ଅଧ୍ୟୁଷିତ ୯ଟି ଜିଲ୍ଲାରେ ବିକାଶ ପହଂଚି ପାରିନି । ଜନଜାତି ମାନଙ୍କର ବିକାଶ ପାଇଁ ଇଂଟିଗ୍ରେଟେଡ ଟ୍ରାଇବାଲ ଡେଭଲପମେଂଟ ଏଜେନ୍ସି କାର୍ଯ୍ୟ କରୁଥିଲେ ମଧ ଶାସକ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ କୌଣସି ଆଖିଦୃଶିଆ ବିକାଶ ଆଦିବାସୀମାନଙ୍କଠାରୁ ବହୁ ଦୂରରେ ରହିଯାଇଛି । ଜନଜାତିମାନଙ୍କ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଥିଲା । ହେଲେ ତାହା କେବଳ ଦଳୀୟ ନେତାଙ୍କୁ ଥଇଥାନ କରିବା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ଥିଲା । ସାମ୍ବିଧାନିକ ବ୍ୟବସ୍ଥା ଆନୁଯାୟୀ ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ରହିଥିବା ସତ୍ୱେ ଜନପ୍ରତିନିଧୀମାନଙ୍କୁ ରାଜ୍ୟ ସରକାର କୌଣସି କ୍ଷମତା ପ୍ରଦାନ କରିନାହାଁନ୍ତି । ଯଦି ଜନପ୍ରତିନିଧୀମାନଙ୍କୁ ଜନଜାତି ଆଦିବାସୀ କଲ୍ୟାଣ ପାଇଁ କ୍ଷମତା ଦିଆଯାଆନ୍ତା ତେବେ ସେହି ଅଂଚଳରେ ଉନ୍ନତି ହୋଇପାରନ୍ତା ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**